ସମାଜ

କଟକ, ତା ୨।୩।୪୯ ବୁଧବାର

ଶ୍ରୀମତୀ ସରୋଜିନୀ ଙ୍କ ପରଲୋକ

ଦାରୁଣ ଦୁଃସମ୍ବାଦ ଯେ ଯୁକ୍ତପ୍ରଦେଶ ଲାଟ ଶ୍ରୀମତୀ ସରୋଜିନୀ ଆଜ ଇହଜଗତରେ ନାହାନ୍ତି । ଭାରତର ସ୍ୱାଧୀନତା ହାସଲ ଦିନ—୧୯୪୭ ଅଗଷ୍ଟ ୧୫ ତାରିଖ ଶ୍ରୀମତୀ ସରୋଜିନୀ ନାଇଡୁ ଭାରତର ଶିକ୍ଷା, ସଂସ୍କୃତି, ଧର୍ମ ଓ ଜାତୀୟ ସଂଗଠନ ଏବଂ ସଂଗ୍ରାମର କେନ୍ଦ୍ରସ୍ଥାନ ପ୍ରୟାଗ (ଏଲାହାବାଦ) ଠାରେ ପ୍ରଥମ ଲାଟ ସିଂହାସନରେ ଅଭିଷିକ୍ତ ହୋଇଥିଲେ । ଭାରତ-ଇଂରେଜ ଶାସନାଧୀନ ଥିବାବେଳେ ଇଂରେଜ ଶାସନର ଲୁହାସାଞ୍ଜୁ ଭାରତୀୟ ସିଭିଲ୍ ସର୍ଭିସ୍‌ର ଜଣେ ଜବରଦସ୍ତ ଶାସକ ସାର୍ ଫ୍ରାନ୍‌ସିସ୍ ମୁଡ଼ୀ ଯେଉଁ ଗାଦୀରେ ଥିଲେ, ଧର୍ଷଣା ଲବଣ-ସତ୍ୟାଗ୍ରହର କର୍ତ୍ରୀ ସେନାନାୟିକା ଶ୍ରୀମତୀ ସରୋଜିନୀ ତାଙ୍କଠାରୁ କାର୍ଯ୍ୟଭାର ନେଇ ଲାଟ ସିଂହାସନରେ ଅଭିଷିକ୍ତ ହେଲେ । ସେହି ଦିନଠାରୁ ଆଜିପର୍ଯ୍ୟନ୍ତ ସେ ନିରବଚ୍ଛିନ୍ନ ଭାବରେ ସେଇ ଦାୟିତ୍ୱ ତୁଲାଉଥିଲେ । ଏଥିମଧ୍ୟରେ ସେ ଏକାଧିକ ବାର ପୀଡ଼ିତ ହୋଇଥିଲେ ମଧ୍ୟ କର୍ତ୍ତବ୍ୟ କରିବାରୁ କେବେହେଲେ କ୍ଷାନ୍ତ ହୋଇନାହାନ୍ତି ।

ଶ୍ରୀମତୀ ସରୋଜିନୀ ଡକ୍ଟର ଅଘୋରନାଥ ଚଟ୍ଟୋପାଧ୍ୟାୟଙ୍କର କନ୍ୟା । ନିଜାମ ରାଜ୍ୟ ହାଇଦରାବାଦଠାରେ ୧୮୭୯ ଫେବୃୟାରି ୧୩ ତାରିଖ ଦିନ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ହାଇଦରାବାଦ ନିଜାମ କଲେଜର ପ୍ରତିଷ୍ଠାତା । ସେ ହାଇଦରାବାଦ ରାଜ୍ୟରେ ଓ ଦକ୍ଷିଣ-ଭାରତରେ ଶିକ୍ଷାପ୍ରସାର କାର୍ଯ୍ୟରେ ବରାବର ଲାଗିରହିଥିଲେ । ଅଘୋରନାଥଙ୍କର ପୂର୍ବବଙ୍ଗରେ କୁଳୀନ ବ୍ରାହ୍ମଣସମାଜରେ ଜନ୍ମ । ସେ ବିଲାତ ଯାଇ ସେଠାରେ ଏଡ଼ିନ୍‌ବରା ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ଡକ୍ଟର ଉପାଧି ପାଇଥିଲେ । ରସାୟନର ଗବେଷଣାରେ ତାଙ୍କର ଖ୍ୟାତି ଥିଲା । ଏଣେ ସଂସ୍କୃତରେ ସେ ଅସାଧାରଣ ପଣ୍ଡିତ ଥିଲେ । ଧର୍ମ ଓ ଦର୍ଶନ ଶାସ୍ତ୍ରରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ତାଙ୍କ ସ୍ତ୍ରୀ ସରୋଜିନୀଙ୍କ ମାଆ ମଧ୍ୟ ଶିକ୍ଷିତା । ବେଳେବେଳେ ଛୋଟ ଛୋଟ କବିତା ସେ ଲେଖିଥିଲେ । ଏଇ ଭଳି ବାପ ମାଙ୍କ ଔରସରୁ ନାରୀକବି ସରୋଜିନୀ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଭାଇ ହରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ଭାରତରେ ଜଣେ ବିଖ୍ୟାତ କବି ଓ ସଙ୍ଗୀତଶିଳ୍ପୀ । ଶ୍ରୀମତୀ ସରୋଜିନୀଙ୍କର ଅସାଧାରଣ ପ୍ରତିଭା ପିଲାଦିନରୁ ଦେଖା ଯାଇଥିଲା । ବାଳିକା ଅବସ୍ଥାରେ ସେ କବିତା, ଗଳ୍ପ ଓ ନାଟକ ଲେଖୁଥିଲେ । ୧୨ ବର୍ଷ ବୟସରେ ମାଟ୍ରିକ୍ୟୁଲେଶନ ପାଶ କରି ୧୬ ବୟସରେ ସରକାରୀ ବୃତ୍ତି ପାଇ ବିଲାତ ଗଲେ । ବିଲାତରେ ୩ବର୍ଷ ରହି ପଢ଼ିଲେ । ସେ ଲଣ୍ଡନ କିଙ୍ଗସ୍ କଲେଜ ଓ କେମ୍ବ୍ରିଜର ଗାର୍ଟନ୍ କଲେଜରେ ଶିକ୍ଷା କରିଥିଲେ । ଏଡ଼ମଣ୍ଡ ଗସ୍, ଆର୍ଥର ସିମ୍‌ସନଙ୍କ ଭଳି ବିଶିଷ୍ଟ ସାହିତ୍ୟିକ ଓ ଲେଖକଙ୍କ ସହିତ ସେ ସେତେବେଳେ ପରିଚିତ ହୋଇଥିଲେ । ବିଲାତରେ ପଢ଼ିଲା ବେଳେ ତାଙ୍କର ମଧୁର କଣ୍ଠ ସ୍ୱର, କହିବାର ଶକ୍ତି ଏବଂ ଚିନ୍ତାପୂର୍ଣ୍ଣ ଦୃଷ୍ଟି ତାଙ୍କର ସଙ୍ଗୀମାନଙ୍କୁ ଓ ସାଧାରଣଙ୍କୁ ମୁଗ୍ଧ କରୁଥିଲା । ତାଙ୍କଠାରେ କବିଭାବର ବିକାଶ ବଡ଼ ଚମତ୍କାର ଭାବରେ ପ୍ରକଟିତ ହେଲା । କିନ୍ତୁ ପିଲାଦିନେ ତାଙ୍କର ଶରୀର ବଡ଼ ଦୁର୍ବଳ ଥିଲା । ବିଲାତରେ ପଢ଼ିବାବେଳେ ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିବାରୁ ସେ ଭାରତକୁ ଫେରି ଆସିଲେ । ଫେରିଲାବେଳେ ଇଟାଲି ରାଜ୍ୟକୁ ବୁଲିବାକୁ ଯାଇଥିଲେ । ସେଠାରୁ ଆସି ୧୮୯୮ ସେପ୍‌ଟେମ୍ବର ମାସରେ ଭାରତରେ ପହଞ୍ଚିଲେ ।

ଶ୍ରୀମତୀ ସରୋଜିନୀ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମ; କିନ୍ତୁ ସେ ସମାଜସଂସ୍କାର କାର୍ଯ୍ୟରେ ଅଗ୍ରଣୀ ଥିଲେ । ସେତେବେଳେ ହାଇଦରାବାଦ ନିଜାମଙ୍କ ସହମୁଖ୍ୟ ଡାକ୍ତର ଥିଲେ ଡାକ୍ତର ଏମ, ଗୋବିନ୍ଦ ରାଜୁଲୁ ନାଇଡୁ । ଶ୍ରୀମତୀ ସରୋଜିନୀ ତାଙ୍କୁ ବିବାହ କଲେ । ବିବାହିତ ଜୀବନରେ ସେ ସହଧର୍ମିଣୀ ରୂପେ ସ୍ୱାମୀଙ୍କ ପ୍ରତି ଯେପରି ଅନୁରକ୍ତା ଥିଲେ, ଦେଶର ସାଧାରଣ କାର୍ଯ୍ୟରେ ସେଇଭଳି ଅନୁରକ୍ତା ଥିଲେ । ଲୋକେ କହନ୍ତି ସେ ସ୍ୱୟଂ ସରସ୍ୱତୀ । ତାଙ୍କ ଅସାଧାରଣ ପାଣ୍ଡିତ୍ୟ, ଉର୍ଦ୍ଦୁ, ଫାର୍ସି, ସଂସ୍କୃତ କବିତାରେ ତାଙ୍କର ଅଗାଧ ପ୍ରବେଶ ଓ ଇଂରେଜୀରେ ତାଙ୍କର ବକ୍ତୃତା ଓ କବିତା ଏପରି ଉଚ୍ଚ ଧରଣର ଯେ ତାହା ପୃଥିବୀ ବିଖ୍ୟାତ ।

"The Golden Threshold".(କନକ ...) "The bird of time". (କାଳ ବିହଙ୍ଗ), "Broken wing" (ଭଗ୍ନପକ୍ଷୀ) ପ୍ରଭୃତି ତାଙ୍କ ଲେଖା ଏପରି ଗଭୀର ଭାବପୂର୍ଣ୍ଣ, ଲଳିତ, ମଧୁର ଅଥଚ ଏଭଳି ଦାର୍ଶନିକ ତତ୍ତ୍ୱ ଓ ପ୍ରାକୃତିକ ଭାବ-ସୌନ୍ଦର୍ଯ୍ୟ ପରିପୁଷ୍ଟ ଯେ ଇଂରେଜ ସାହିତ୍ୟରେ ତାଙ୍କୁ ଜଣେ ଉଚ୍ଚଧରଣର କବି ବୋଲି ସ୍ୱୀକାର କରାଯାଏ ।

ଶ୍ରୀମତୀ ସରୋଜିନୀ ନାଇଡୁଙ୍କ ପରଲୋକ

ଭାରତବ୍ୟାପୀ ସର୍ବତ୍ର ଗଭୀର ଶୋକଛାୟା

ଏଲାହାବାଦ ହାଇକୋର୍ଟର ପ୍ରଧାନ ବିଚାରପତି ଶ୍ରୀ ବି, ମଲିକ ଅସ୍ଥାୟୀ ଲାଟରୂପେ ନିଯୁକ୍ତ ହୋଇଛନ୍ତି

ଲକ୍ଷ୍ନୌ, ତା ୨।୩— ଗତ ରାତି ୩ଟା ୩୦ ମିନଟରେ ଯୁକ୍ତପ୍ରଦେଶର ଲାଟ ଶ୍ରୀମତୀ ସରୋଜିନୀ ନାଇଡୁଙ୍କ ଲକ୍ଷ୍ନୌ ଲାଟ ଭବନରେ ହଠାତ୍ ହୃଦ୍‌ଯନ୍ତ୍ରକ୍ରିୟା ବନ୍ଦ ହୋଇଯିବାରୁ ପରଲୋକ ହୋଇଗଲା । ମୃତ୍ୟୁ ବେଳକୁ ତାଙ୍କ ଝିଅ କୁମାରୀ ପଦ୍ମଜା ନାଇଡୁ ଓ ତାଙ୍କ ସେକ୍ରେଟେରୀମାନେ ଏଲାହାବାଦ କମଲା ନେହେରୁ ହସପିଟାଲର ବେଗମ ଆଜାଦ ଶାଖା ଉନ୍ମୋଚନ ଉତ୍ସବରେ ଯୋଗ ଦେବା ପାଇଁ ଯାଇଥିବାରୁ ତାଙ୍କ ନିକଟରେ ନ ଥିଲେ । ଏହି ଉପଲକ୍ଷେ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଓ ବଡ଼ଲାଟ ଶ୍ରୀଯୁକ୍ତ ରାଜଗୋପାଳାଚାରୀ ମଧ୍ୟ ଏଲାହାବାଦ ଆସିଥିଲେ । ମୃତ୍ୟୁପରେ ଲକ୍ଷ୍ନୌ ଲାଟଭବନରୁ ଟେଲିଫୋନ ଯୋଗେ ଏ ସମ୍ବାଦ କୁମାରୀ ପଦ୍ମଜା ନାଇଡୁ, ପଣ୍ଡିତ ନେହେରୁ ଓ ଶ୍ରୀଯୁକ୍ତ ରାଜଗୋପାଳାଚାରୀଙ୍କୁ ଜଣାଇ ଦିଆଗଲା । ମାନ୍ୟବର ବଡ଼ଲାଟ, ପଣ୍ଡିତ ନେହେରୁଙ୍କ ସହିତ ବିମାନ ଯୋଗେ ଆଜି ସକାଳେ ଲକ୍ଷ୍ନୌ ଯାତ୍ରା କରିଛନ୍ତି । ବଡ଼ଲାଟଙ୍କ ସମସ୍ତ କାର୍ଯ୍ୟକ୍ରମ ବନ୍ଦ କରି ଦିଆଯାଇଛି । ଶ୍ରୀମତୀ ସରୋଜିନୀଙ୍କ ମୃତ୍ୟୁସମ୍ବାଦ ପ୍ରଚାରିତ ହେବା ସଙ୍ଗେ ସଙ୍ଗେ ଭାରତବ୍ୟାପୀ ସର୍ବତ୍ର ଗଭୀର ଶୋକର ଛାୟା ଖେଳି ଯାଇଛି । ଯୁକ୍ତପ୍ରଦେଶରେ ସମସ୍ତ ସରକାରୀ ଅଫିସଅଦି ବନ୍ଦ ରଖାଯାଇଛି ।

ଆଜି ଏକ ସରକାରୀ ଇସ୍ତାହାରରେ ଘୋଷଣା କରାଯାଇଛି ଯେ ଶ୍ରୀମତୀ ସରୋଜିନୀଙ୍କ ମୃତ୍ୟୁ ଘଟିଥିବାରୁ ତାଙ୍କ ଜାଗାରେ ଏଲାହାବାଦ ହାଇକୋର୍ଟର ପ୍ରଧାନ ବିଚାରପତି ଶ୍ରୀ ବି, ମଲିକ୍ ଯୁକ୍ତପ୍ରଦେଶର ଅସ୍ଥାୟୀ ଲାଟ ରୂପେ ନିଯୁକ୍ତ ହୋଇଛନ୍ତି । ତାଙ୍କ ସ୍ଥାନରେ ଏଲାହାବାଦ ହାଇକୋର୍ଟର ସିନିଅର ବିଚାରପତି ମିଃ ଏମ୍‌ଇ ଉଲ୍ଲା ଅସ୍ଥାୟୀଭାବେ ପ୍ରଧାନ ବିଚାରପତି ନିଯୁକ୍ତ ହୋଇଛନ୍ତି ।

—— (ଏ, ପି, ଯୁ, ପି)

ଭାରତର ସର୍ବଶ୍ରେଷ୍ଠ ଲେଖକ-ସାହିତ୍ୟିକ-ସଂଘ (ପି,ଇ,ଏନ,) ସଂଗଠନର ସେ ଅଗ୍ରଣୀ ଥିଲେ । ଭାରତ ମହିଳା ସମ୍ମିଳନୀର ସେ କେବଳ ସଭାନେତ୍ରୀ ନଥିଲେ, ସର୍ବଶ୍ରେଷ୍ଠ ପୃଷ୍ଠପୋଷକ ଓ ସଂଗଠନକାରୀ ଥିଲେ । ସେ ଭାରତ ପକ୍ଷରୁ ପ୍ରତିନିଧିରୂପେ ଦକ୍ଷିଣ-ଆଫ୍ରିକା, ବିଲାତର ଦ୍ୱିତୀୟ ଗୋଲଟେବୁଲ ସମ୍ମିଳନୀ ଏବଂ ତା ପରେ ଆମେରିକା ଭ୍ରମଣରେ ଯାଇଥିଲେ । ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଓ ଆମେରିକାରେ ତାଙ୍କର ବକ୍ତୃତା ଶୁଣି ସେ ରାଜ୍ୟର ଲୋକେ ମୁଗ୍ଧ ହୋଇ ଯାଉଥିଲେ । ତାଙ୍କୁ ସେତିକି ବେଳେ ଇଂଲଣ୍ଡ ଓ ଆମେରିକାର ଲୋକେ ଭାରତର 'ନାଇଟିଙ୍ଗେଲ' ବୋଲି କହୁଥିଲେ ।

୧୯୨୦—୨୧ ପରେ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ଏକପ୍ରକାର ବରାବର ସଭ୍ୟ ରହି ଆସିଛନ୍ତି । ଉଦାର ଭାରତୀୟ ସଂସ୍କୃତି ଓ ସଭ୍ୟତାର ସେ ପ୍ରତୀକରୂପେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭିତରେ ଅପୂର୍ବ ସମାବେଶ ଘଟାଇ ପାରିଥିଲେ । ସ୍ୱର୍ଗୀୟ ପଣ୍ଡିତ ମୋତିଲାଲ, ସ୍ୱର୍ଗୀୟ ମିଃ ଜିନ୍ନା, ପ୍ରମୁଖ ଭାରତର ଅତି ବୁଦ୍ଧିଜୀବୀ ନେତାମାନେ ସରୋଜିନୀଙ୍କ ବୁଦ୍ଧି, ବାଗ୍ମିତା, ନିର୍ଭୀକ ନେତୃତ୍ୱ ଓ ଉଚ୍ଚ ଚିନ୍ତା ହେତୁ ତାଙ୍କୁ ଭାରି ସମ୍ମାନ କରୁଥିଲେ । ୧୯୨୫ରେ ସେ ଭାରତ ଜାତୀୟ କଂଗ୍ରେସର ସଭାନେତ୍ରୀ ହୋଇଥିଲେ । ଡକ୍ଟର ଆନିବେସାନ୍ତଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ମହିଳା ଏ ଆସନରେ ଅଦ୍ୟ ବସି ନାହାନ୍ତି । ୧୯୩୦ ଅପ୍ରେଲ ୬ ତାରିଖରେ ଗାନ୍ଧିଜୀଙ୍କ ଲବଣ-ସତ୍ୟାଗ୍ରହ ଦାଣ୍ଡିଯାତ୍ରା ପରେ ସରକାରୀ ଧର୍ଷଣା ଠାରେ ଥିବା ଲବଣକୋଠି ଉପରେ ଯେତେବେଳେ ଆକ୍ରମଣ କରାଯାଏ, ସେତେବେଳେ ଶ୍ରୀମତୀ ସରୋଜିନୀ ସେଥିର ସେନାନାୟିକା ହୋଇ ଯାଇଥିଲେ । ଘୋଡ଼ସବାର ପୁଲିସର ଲାଠିମାଡ଼ର ସେ ସମ୍ମୁଖୀନ ହୋଇ ବାରଂବାର ଆକ୍ରମଣ କରି ଶେଷରେ ଗିରଫଦାର ହୋଇଥିଲେ । ସେ ବହୁ ଥର ବନ୍ଦୀ ହୋଇଛନ୍ତି । ୧୯୪୨ ଅଗଷ୍ଟ ୯ ତାରିଖରେ ଇଂରେଜ ସରକାର ଗାନ୍ଧିଜୀଙ୍କୁ ବନ୍ଦୀ କଲାବେଳେ ଶ୍ରୀମତୀ ସରୋଜିନୀଙ୍କୁ ବନ୍ଦୀ କରି ତାଙ୍କ ସହିତ ଆଗା ଖାଁ ପ୍ରାସାଦରେ ରଖିଥିଲେ । ପରେ ତାଙ୍କର ସ୍ୱାସ୍ଥ୍ୟଭଙ୍ଗ ହେବାରୁ ତାଙ୍କୁ ଖଲାସ କରି ଦିଆଯାଇଥିଲା ।

ଲର୍ଡ଼ ଲିଟନ ଯେତେବେଳେ ବଙ୍ଗଳାର ଲାଟ ଥିଲେ, ସେତେବେଳେ ପୁଲିସ ପରେଡ଼ରେ ସେ ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ମହିଳାମାନେ ଇଂରେଜ ଶାସନକୁ ବେଶ ଦେଉଥିବାରୁ ଭାରତୀୟ ମହିଳାଙ୍କ ଆଚରଣକୁ ଆକ୍ଷେପ କରି କେତେକ କଥା କହିଥିଲେ । ଶ୍ରୀମତୀ ସରୋଜିନୀ ଠିକ ତାର ପରଦିନ କଲିକତା ଲାଟଭବନର ସମ୍ମୁଖରେ ବିରାଟ ଜନସଭାରେ ସିଂହଣୀ ପରାକ୍ରମରେ ଗର୍ଜ୍ଜନ କରି ଲିଟନଙ୍କୁ ମିଥ୍ୟାବାଦୀ ବୋଲି କହି ଯେଉଁ ଯୁକ୍ତି ଦେଇ ତାକୁ ଦେଇଥିଲେ ସେଥିରେ ବିଲାତ ପର୍ଯ୍ୟନ୍ତ ଚହଲି ଯାଇଥିଲା । ଶେଷରେ ଲର୍ଡ଼ ଲିଟନ କ୍ଷମା ପ୍ରାର୍ଥନା କରିବାକୁ ବାଧ୍ୟ ହୋଇଥିଲେ ।

ତାଙ୍କ କବିତାର ମୂର୍ଚ୍ଛନା, ବାଣୀର ଓଜସ୍ୱିତା, ତାଙ୍କ ଚିନ୍ତାର ଉତ୍ତୁଙ୍ଗ ଭାବଭଙ୍ଗି, ଲଳିତ ମଧୁର କଣ୍ଠସ୍ୱର, ଏପରି ଅପୂର୍ବ ଯେ ସେଥିରେ ଲକ୍ଷ ଲକ୍ଷ ଜନତା ମୁଗ୍ଧ ଓ ତନ୍ମୟ ହୋଇଯାଉଥିଲେ । କେତେ ଯେ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ସେ ଉଦ୍‌ବୋଧନ ଦେଇଛନ୍ତି ତାର ହିସାବ ସଂଖ୍ୟା ନାହିଁ । ତାଙ୍କ ଭଳି ବକ୍ତା ଭାରତର ପୁରୁଷ ବକ୍ତାମାନଙ୍କ ଭିତରେ କମ୍ ଅଛନ୍ତି । ମହିଳାମାନଙ୍କ ଭିତରେ ଏ କ୍ଷେତ୍ରରେ ସେ ଅପ୍ରତିଦ୍ୱନ୍ଦ୍ୱୀ ଥିଲେ । ୧୯୧୪ରେ ସେ(Royal Society of Literature)ରୟେଲ ସୋସାଇଟି ଅଫ୍ ଲିଟେରେଚରର ସଭ୍ୟା ନିର୍ବାଚିତ ହୋଇଥିଲେ । ତୁର୍କୀର ଆଧୁନିକ ମହିଳା-ନେତ୍ରୀ ଓ କାମଲ ପାଶାଙ୍କ ଭୂତପୂର୍ବ ଶିକ୍ଷାମନ୍ତ୍ରୀ ମାଡ଼ାମ ହାଲିଡେ ଏବର୍ ତାଙ୍କୁ ବିଖ୍ୟାତ ଇଂରେଜ କବି ସେକ୍ସପିଅରଙ୍କ କଲ୍ପନାପ୍ରତିଭା ସହିତ ତୁଳନା କରିଥିଲେ । ଶ୍ରୀମତୀ ସରୋଜିନୀ ଭାବ ସାଧିକା ଥିଲେ । ଭାବ ଓ ଚିନ୍ତାରାଜ୍ୟରେ ଅଧିକ ବିଚରଣ କରୁଥିଲେ । ଉତ୍ତୁଙ୍ଗ ହିମାଳୟର ସୌଧଚୂଡ଼ା ସମ ସେ ଭାରତ ନାରୀସମାଜର ଓ ଆଧୁନିକ କବିଗୋଷ୍ଠୀର ଚୂଡ଼ା ସୌଧରୂପେ ଅତି ଉନ୍ନତ ସ୍ଥାନ ଅଧିକାର କରିଥିଲେ । ସେହି ପ୍ରେରଣା, ସେହି ଉଦ୍‌ବୋଧନ ଓ ସେହି ଭାବପୂର୍ଣ୍ଣ ମୂର୍ଚ୍ଛନାରେ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ ତାଙ୍କୁ ସ୍ୱାଧୀନ ଭାରତର ଲାଟ ଆସନରେ ଅଭିଷିକ୍ତ କରାଯାଇଥିଲା । ସେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେହି ଭାବସ୍ୱର୍ଗର ଦ୍ୟୋତକ ରୂପେ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରୁଥିଲେ । ଗତ ଜାନୁୟାରି ମାସ ୨ୟ ସପ୍ତାହରେ କେନ୍ଦ୍ର ଶିକ୍ଷାବୋର୍ଡ଼ର ବୈଠକରେ ସେ ଯେଉଁ ଉଦ୍‌ବୋଧନ ଦେଇଥିଲେ ତା' ଏବେ ମଧ୍ୟ ଚିନ୍ତାଶୀଳ ବୁଦ୍ଧିଜୀବୀ ଲୋକଙ୍କ ମନ ଓ ହୃଦୟରେ ସ୍ପନ୍ଦନ ସୃଷ୍ଟି କରୁଥିବ । ସତେ ଯେପରିକି ଭାରତୀୟ ଶକ୍ତି ତାଙ୍କରି ଭିତରେ ଅବତୀର୍ଣ୍ଣ ହୋଇଥିଲେ ! ସେ ଏକ ବିରାଟ ଅନୁଷ୍ଠାନରେ ପରିଣତ ହୋଇଥିଲେ । ଆଜି ତାଙ୍କର ବିୟୋଗରେ ଦେଶର ଅପୂରଣୀୟ କ୍ଷତି ଘଟିଲା ।

ଶ୍ରୀମତୀ ସରୋଜିନୀଙ୍କର ଦୁଇଟି ଝିଅ ଏବଂ ଗୋଟିଏ ପୁଅ । ତାଙ୍କ ସ୍ୱାମୀ ଡାଃ ନାଇଡୁ ଏପର୍ଯ୍ୟନ୍ତ ବର୍ତ୍ତମାନ । ଅଳ୍ପଦିନ ତଳେ ଦଶହରାକୁ ସେ ଶ୍ରୀମତୀ ସରୋଜିନୀଙ୍କ ନିକଟକୁ ଆସିଥିଲେ । ସେ ସାଧାରଣତଃ ହାଇଦରାବାଦରେ ଥାନ୍ତି । ମୃତ୍ୟୁବେଳକୁ ଶ୍ରୀମତୀ ସରୋଜିନୀଙ୍କର ବୟସ ପ୍ରାୟ ୭୦ବର୍ଷ ହୋଇଥିଲା, ତାଙ୍କର ଦୁଇଟି ଝିଅ ଅଛନ୍ତି ।

୧୯୩୯ରେ ଶ୍ରୀମତୀ ସରୋଜିନୀ ରେଭେନ୍ସା କଲେଜର ପ୍ରତିଷ୍ଠାଦିବସ ଉପଲକ୍ଷରେ ପୁରାତନ ଛାତ୍ରସମାଜ ପକ୍ଷରୁ ନିମନ୍ତ୍ରିତ ହୋଇ ଆସି ପ୍ରଧାନ ଅତିଥିରୂପେ ଯେଉଁ ଉଦ୍‌ବୋଧନ ଦେଇଥିଲେ, ତାହା ଏବେ ମଧ୍ୟ ଲୋକଙ୍କ ସ୍ମୃତିପଟରେ ରହିଛି । ସେତେବେଳେ ସେ ଓଡ଼ିଶାର ପ୍ରଧାନମନ୍ତ୍ରୀଙ୍କ ଅତିଥିରୂପେ ଉତ୍କଳର ଶିଳ୍ପକଳା, କାରୁକାର୍ଯ୍ୟ ଓ ଦେବମନ୍ଦିର ଆଦି ଅନୁଷ୍ଠାନମାନ ଦେଖି ଏପରି ମୁଗ୍ଧ ହୋଇ ଯାଇଥିଲେ ଯେ ଉତ୍କଳ କଳାବିଦ୍ୟାରେ ପରାକାଷ୍ଠା ଲାଭ କରିଛି ବୋଲି ବହୁ ସଭାରେ ଉଲ୍ଲେଖ କରିଥିଲେ ।

ତାଙ୍କ ବିୟୋଗରେ ଦେଶର ଯେ ଅପୂରଣୀୟ କ୍ଷତି ଘଟିଲା ତାହା କଥାରେ କହିହେବ ନାହିଁ । ଆନ୍ତର୍ଜାତିକ କ୍ଷେତ୍ରରେ ତାଙ୍କ ଯୋଗୁ ଭାରତର ଖ୍ୟାତି ବଢ଼ିଥିଲା । ସେ ଦେଶର ଗୋଟିଏ ଅଳଙ୍କାର ଥିଲେ । ତାଙ୍କ ମୃତ୍ୟୁରେ ଦେଶବାସୀ ଜାତି, ଧର୍ମ, ବର୍ଣ୍ଣ ଓ ମତନିର୍ବିଶେଷରେ ଦାରୁଣ ଦୁଃଖ ଅନୁଭବ କରିବେ । ଆମ୍ଭେମାନେ ତାଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିବା ସଙ୍ଗେ ସଙ୍ଗେ ତାଙ୍କପ୍ରତି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ଏବଂ ସେ ମହୀୟସୀ ମହିଳାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛୁ । ଯେହେତୁ ସେ ତାଙ୍କ ପରିବାର ନୁହେଁ, ସମଗ୍ର ଦେଶର ଓ ଜାତିର ମାତୃସ୍ୱରୂପା ଥିଲେ । ତାଙ୍କ ବିୟୋଗରେ ଆଜି ସମଗ୍ର ଜାତି ବ୍ୟଥିତ ।

ଓଡ଼ିଶା ବ୍ୟବସ୍ଥାପକସଭାର ବଜେଟ ଅଧିବେଶନ

ଶ୍ରୀମତୀ ସରୋଜିନୀ ନାଇଡୁ ଓ କନିକାର ସ୍ୱର୍ଗୀୟ ରାଜାବାହାଦୁରଙ୍କ ମୃତ୍ୟୁରେ ଶୋକ ପ୍ରସ୍ତାବ

ପ୍ରଧାନ ମନ୍ତ୍ରୀ ଚଳିତ ବର୍ଷର ସଂଶୋଧିତ ବଜେଟ ଓ ଆସନ୍ତା ବର୍ଷର ବଜେଟ ପେଶ କଲେ

କଟକ, ତା ୨।୩—ଆଜି ସକାଳ ୧୧ଟା ବେଳେ ରେଭେନ୍ସା କଲେଜ ହଲରେ ଓଡ଼ିଶା ବ୍ୟବସ୍ଥାସଭାର ବଜେଟ ଅଧିବେଶନ ଆରମ୍ଭ ହେଲା । ଅସ୍ଥାୟୀ ସଭାପତି ଶ୍ରୀଯୁକ୍ତ ଲାଲମୋହନ ପଟ୍ଟନାୟକ ସଭାପତିର ଆସନ ଗ୍ରହଣ କରିଥିଲେ । ସମ୍ବଲପୁର ସଦର ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀଙ୍କୁ ପରାସ୍ତ କରି ସ୍ୱାଧୀନ ପ୍ରାର୍ଥୀ ରୂପେ ନିର୍ବାଚିତ ହୋଇଥିବା ସଭ୍ୟ ଶ୍ରୀଯୁକ୍ତ ଶ୍ରଦ୍ଧାକର ସୂପକାର ଆଜି ଶପଥ ଗ୍ରହଣ କରି ବ୍ୟବସ୍ଥା ସଭାରେ ଯୋଗ ଦେଇଥିଲେ ।

ପ୍ରଶ୍ନୋତ୍ତର ବେଳେ ଶ୍ରୀ କରୁଣାକର ପାଣିଗ୍ରାହୀଙ୍କର ଏକ ପ୍ରଶ୍ନର ଉତ୍ତରରେ ମାନ୍ୟବର ମହତାବ କହିଲେ ୬।୮।୪୯ପର୍ଯ୍ୟନ୍ତ ରାଜନୈତିକ ଦୁଃସ୍ଥଙ୍କୁ ପେନସନ ଦେବାପାଇଁ ୨୨୩ ଖଣ୍ଡ ଦରଖାସ୍ତ ମିଳିଥିଲା । ଏଥିମଧ୍ୟରୁ ୧୩୮ ଓଡ଼ିଶା ପ୍ରଦେଶ ଓ ୮୫ ଖଣ୍ଡ ଓଡ଼ିଶା ଗଡ଼ଜାତରୁ ମିଳିଥିଲା । ବାଲେଶ୍ୱର ଜିଲ୍ଲାରୁ ୮୮ ଖଣ୍ଡ ମିଳିଥିଲା । ଏଥି ମଧ୍ୟରୁ ୮୪ ଜଣଙ୍କୁ ପେନସନ ମିଳିଛି । ଏମାନଙ୍କ ମଧ୍ୟରୁ ୪୭ ଜଣ ହେଉଛନ୍ତି ବାଲେଶ୍ୱର ଜିଲ୍ଲାର ।

କମ୍ୟୁନିଷ୍ଟ ସଭ୍ୟ ଶ୍ରୀ ବୈଦ୍ୟନାଥ ରଥଙ୍କ ନାମରେ କେତୋଟି ପ୍ରଶ୍ନ ଥିଲା । କିନ୍ତୁ ସେ ଉପସ୍ଥିତ ନ ଥିବାରୁ ତାର ଉତ୍ତର ଦିଆଯାଇ ନଥିଲା ।

ଆଉ ଏକ ପ୍ରଶ୍ନର ଉତ୍ତରରେ ମାନ୍ୟବର ମହତାବ କହିଲେ ମୟୂରଭଞ୍ଜରେ ଅଦିବାସୀ ଗଣ୍ଡଗୋଳରେ କେତେକ କାହାର ଲୋକ ଆସି ସେମାନଙ୍କୁ ଗଣ୍ଡଗୋଳ କରିବାକୁ ମତାଉଛନ୍ତି ବୋଲି ପୋଲିସ ରିପୋର୍ଟ ଓ ଅନ୍ୟାନ୍ୟ ରିପୋର୍ଟ ମିଳିଛି ଏବଂ ଏ କଥା ଭାରତ ସରକାରଙ୍କୁ ଜଣାଇ ଦିଆଯାଇଛି ।

ନିଶାନିବାରଣ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ ମାନ୍ୟବର ମହତାବ କହିଲେ ଯେ କଟକ ସହରରେ ନିଶାନିବାରଣ ଜାରି କରାଯାଇନାହିଁ ଓ ସମ୍ବଲପୁର ଜିଲ୍ଲାରେ ଏହା ଜାରି କରିବାର ପ୍ରସ୍ତାବ ନାହିଁ ।

ଶୋକ ପ୍ରସ୍ତାବ

ପ୍ରଶ୍ନୋତ୍ତରପରେ ମାନ୍ୟବର ମହତାବ କହିଲେ ଦୁଃଖର ବିଷୟ ଯେ ଦୁଇଜଣ ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକ ସମ୍ବାଦ ପରିଷଦକୁ ଜଣାଇବାକୁ ପଡ଼ୁଛି । ଆଜି ସମ୍ବାଦ ମିଳିଛି ଯେ ଭାରତଜାତୀୟ କଂଗ୍ରେସର ଭୂତପୂର୍ବ ସଭାପତି ଓ ଭାରତର ସର୍ବପ୍ରଥମ ମହିଳା ଲାଟ ଶ୍ରୀମତୀ ସରୋଜିନୀ ନାଇଡୁଙ୍କର ପରଲୋକ ହୋଇଯାଇଛି । ସେ ଭାରତର ଶ୍ରେଷ୍ଠ ସାହିତ୍ୟିକ ବୋଲି ପୃଥିବୀବିଖ୍ୟାତ ଥିଲେ । ତାଙ୍କୁ ଭାରତର ବସନ୍ତକୋକିଳ ବୋଲି କୁହାଯାଏ । ସେ ଲାଟଭାବରେ ଅତି ଜନପ୍ରିୟ ଓ ସବୁଶ୍ରେଣୀର ବିଶ୍ୱାସଭାଜନ ହୋଇଥିଲେ । ଗାନ୍ଧିଜୀଙ୍କ ପ୍ରୟାଣପରେ ତାଙ୍କର ମୃତ୍ୟୁ ଅତୀବ ଶୋଚନୀୟ । ତାଙ୍କର ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବାପାଇଁ ସେ ସଭାପତିଙ୍କୁ ଅନୁରୋଧ କରିଥିଲେ ।

କନିକାର ସ୍ୱର୍ଗୀୟ ରାଜାବାହାଦୁର

ଏହାପରେ ମାନ୍ୟବର ମହତାବ କନିକାର ସ୍ୱର୍ଗୀୟ ରାଜାବାହାଦୁର ସାର ରାଜେନ୍ଦ୍ରନାରାୟଣ ଭଞ୍ଜଦେଓଙ୍କ ମୃତ୍ୟୁରେ ଦୁଃଖପ୍ରକାଶ କରି କହିଲେ ସ୍ୱର୍ଗୀୟ ରାଜାବାହାଦୁର ଏହି ଓଡ଼ିଶା ପ୍ରଦେଶ ନିର୍ମାତାଙ୍କ ମଧ୍ୟରୁ ଜଣେ । ସେ ସ୍ୱର୍ଗୀୟ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ସହିତ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣପାଇଁ ପ୍ରଗାଢ଼ ଯତ୍ନ ଓ ଉଦ୍ୟମ କରିଥିଲେ । ରାଉଲଟ ବିଲ ଆଲୋଚନାବେଳେ ସେ ତତ୍‌କାଳୀନ ଦିଲ୍ଲୀର ଇମ୍ପିରିଅଲ କାଉନସିଲରେ ଏହାର ପ୍ରତିବାଦ କରି କହିଥିଲେ "ଏହି ବିଲରେ ଯେଉଁ ବିନା-ବିଚାରରେ ଅଟକ ରଖିବା ବ୍ୟବସ୍ଥା ରହିଛି ତାହା ଏକ ଅତି ସାହସିକ ବ୍ୟବସ୍ଥା । କିନ୍ତୁ କାର୍ଯ୍ୟରେ ଏହା ବଡ଼ ବିପଜ୍ଜନକ ହେବ ।" ଅଜିକାଲି ବିନାବିଚାରରେ ଅଟକ ରଖିବା ମାମୁଲି ଘଟଣା ହୋଇଯାଇଛି ସତ, କିନ୍ତୁ ସେତେବେଳେ ଏହା ଅତି ନିନ୍ଦନୀୟ କାର୍ଯ୍ୟ ବୋଲି ବିବେଚିତ ହେଉଥିଲା । ସାର ରାଜେନ୍ଦ୍ର ବିହାର ଓଡ଼ିଶା ପ୍ରଦେଶର ଅସ୍ଥାୟୀ ଲାଟରୂପେ କିଛିକାଳ କାର୍ଯ୍ୟ କରିଥିଲେ । ସେ ଜଣେ ପକ୍କା ଶାସକ ଥିଲେ ଓ ତାଙ୍କ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଓଡ଼ିଶାର ଭଲ ମନ୍ଦରେ ଆଗ୍ରହୀ ଥିଲେ । ତାଙ୍କ ଶୋକସନ୍ତପ୍ତ ପରିବାରଙ୍କୁ ମଧ୍ୟ ସମବେଦନା ଜଣାଇବା ପାଇଁ ସେ ସଭାପତିଙ୍କୁ ଅନୁରୋଧ କରିଥିଲେ ।

ବିରୁଦ୍ଧଦଳର ସହକାରୀ ନେତା ରାୟବାହାଦୁର ଲୋକନାଥ ମିଶ୍ର ଏହାକୁ ସମର୍ଥନ କରି ବର୍ତ୍ତମାନ ସଙ୍କଟ ସମୟରେ ଏଭଳି ବିଶିଷ୍ଟ ଲୋକଙ୍କ ବିୟୋଗ ବାସ୍ତବିକ୍ ବଡ଼ କ୍ଷତି ବୋଲି କହିଥିଲେ । କନିକାର ସ୍ୱର୍ଗୀୟ ରାଜାବାହାଦୁରଙ୍କ ସମ୍ପର୍କରେ ସେ କହିଲେ ଯେ ସେ ଏକ ଧୂରନ୍ଧର ଶାସକ ଥିଲେ । ସେ ଶାସନ କାର୍ଯ୍ୟରେ ବଡ଼ ସାନଙ୍କ ଭିତରେ କୌଣସି ପାତର ଅନ୍ତର ବ୍ୟବହାର କରୁ ନଥିଲେ । ଶାସକ ଦୃଷ୍ଟିରେ ତାଙ୍କ ଚକ୍ଷୁରେ ସମସ୍ତେ ସମାନ ଥିଲେ । ପୁରୀ ଜିଲ୍ଲାର ବନ୍ୟାପାଇଁ ସେ ଯାହା କରିଛନ୍ତି ସେଥିପାଇଁ ପୁରୀଜିଲ୍ଲା ତାଙ୍କଠାରେ ବିଶେଷ ଋଣୀ । ମିଃ ୟୁସୁଫ ମଧ୍ୟ ଏହାକୁ ସମର୍ଥନ କରି କହିଥିଲେ ।

ପରିଶେଷରେ ସଭାପତି ଶ୍ରୀମତୀ ସରୋଜିନୀ ନାଇଡୁ ଜଣେ ପୃଥିବୀବିଖ୍ୟାତ ମହିଳା ଥିଲେ ବୋଲି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗୀୟ କନିକା ରାଜାବାହାଦୁର ଜଣେ ମୁଖିଆ ଜାତୀୟତାବାଦୀ କର୍ମୀ ଥିଲେ ଓ ଓଡ଼ିଆଭାଷୀ ଅଞ୍ଚଳ ମିଶ୍ରଣ ପାଇଁ ବହୁତ ପରିଶ୍ରମ କରିଥିଲେ ବୋଲି ଦର୍ଶାଇ ତାଙ୍କର ପୁଅଙ୍କଠାରେ ସେହିସବୁ ଗୁଣ ଦେଖାଯିବ ବୋଲି ଆଶା ପ୍ରକାଶ କରିଥିଲେ । ଶେଷରେ ସେ କହିଲେ ଏହିସବୁ ଗଭୀର କ୍ଷତି ପରମପିତା ପରମେଶ୍ୱର ପୂରଣ କରିବେ ବୋଲି ମୋର ଦୃଢ଼ବିଶ୍ୱାସ । ଏହା ପରେ ଆସେମ୍ବ୍ଲି ସ୍ୱର୍ଗତ ଆତ୍ମା ପ୍ରତି ସମ୍ମାନ ଦେଖାଇ ଘଣ୍ଟାକ ପାଇଁ ମୁଲତବୀ ରହିଥିଲା । ସରକାରୀ କୋଠା ଗାଡ଼ି ଉପରେ ଆଜି ପତାକା ଅର୍ଦ୍ଧନତ ଅବସ୍ଥାରେ ଉଡ଼ାଯାଇ ଥିଲା ।

ସାଢ଼େ ବାରଟାବେଳେ ଆସେମ୍ବ୍ଲି ପୁଣି ବସିଥିଲା ଓ ମାନ୍ୟବର ମହତାବ ତାଙ୍କ ବଜେଟ ଭାଷଣ ପାଠ କରିଥିଲେ ।

——

ଆସେମ୍ବ୍ଲିରେ କଡ଼ା ସତର୍କତାମୂଳକ ବ୍ୟବସ୍ଥା

କଟକ, ତା ୨।୩—ଆଜି ଓଡ଼ିଶା ବ୍ୟବସ୍ଥା ସଭାର ବଜେଟ ଅଧିବେଶନ ଆରମ୍ଭରେ ଆସେମ୍ବ୍ଲିକୁ ସମ୍ବାଦପତ୍ର ପ୍ରତିନିଧି ଓ ଦର୍ଶକ ଇତ୍ୟାଦି ଯିବାରେ କଡ଼ା ସତର୍କତାମୂଳକ ବ୍ୟବସ୍ଥା ଅବଲମ୍ବନ କରାଯାଇଛି । କୌଣସି ଅପରିଚିତ ବା ଅନୁମତିପତ୍ର ନ ଥିବା ଲୋକ ଯେପରି ଆସେମ୍ବ୍ଲି ଭିତରକୁ ନ ଯାନ୍ତି ସେଥିପାଇଁ କଡ଼ା ବ୍ୟବସ୍ଥା ରହିଛି ଓ ଗୃହଅଗ୍ରେ କଡ଼ା ପହରା ଦିଆଯାଇଛି ।

——

ଓଡ଼ିଶାର ନୂଆ ରାଜଧାନୀରେ ଜାଗା

ନିଲାମ ହୋଇ ଟଙ୍କା ଉଠିବ

କଟକ, ତା ୨।୩—ଆଜି ଓଡ଼ିଶା ବ୍ୟବସ୍ଥା ସଭାରେ ମାନ୍ୟବର ମହତାବ ତାଙ୍କ ବଜେଟ ଭାଷଣରେ କହିଲେ ଭୁବନେଶ୍ୱରରେ ନୂଆ ରାଜଧାନୀ ପାଇଁ କେନ୍ଦ୍ର ସରକାର ଯେଉଁ ଅଧିକା କୋଟିଏ ୩୨ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ତାହା ଚଳିତ ବର୍ଷ ଓ ଆସନ୍ତା ବର୍ଷ ମଧ୍ୟରେ ସେ ଦେବେ ବୋଲି ଆଶା କରାଯାଏ । ତା ଛଡ଼ା ଏ ବର୍ଷ ଆମକୁ ଯେତେ ଟଙ୍କା ଋଣ ଦେବାପାଇଁ କହିଛନ୍ତି ତା ବାଦ ଏହି ରାଜଧାନୀ କାର୍ଯ୍ୟ ପାଇଁ ଆଉ କୋଟିଏ ତେତିଶ ଲକ୍ଷ ଋଣ ସ୍ୱରୂପ ମିଳିବ ବୋଲି ଆମେ ଧରିଛୁ । ଏହି ସବୁ ଋଣ ସୁଝିବାପାଇଁ ଆମେ ସ୍ଥିର କରିଛୁ ଯେ ନୂଆ ରାଜଧାନୀ ଅଞ୍ଚଳରେ ଯେଉଁ ସବୁ ଜାଗା ରହିବ ତାକୁ ନିଲାମ କରାଯିବ ।

——

ଓଡ଼ିଶା ବଜେଟର ସାରାଂଶ

୧୯୪୮-୪୯—	
ମୂଳ ଅନୁମାନିକ ଆୟ	—୭ କୋଟି ୮୧ ଲକ୍ଷ ୫୫ ହଜାର
ଅନୁମାନିକ ବ୍ୟୟ	—୭ କୋଟି ୫୧ ଲକ୍ଷ ୧୫ ହଜାର
ଅନୁମାନିକ ନିଅଣ୍ଟ ପରିମାଣ	—୭୨ ଲକ୍ଷ ୬୦ ହଜାର
ସଂଶୋଧିତ ଆୟ	—୭ କୋଟି ୯୦ ଲକ୍ଷ ୫୫ ହଜାର
ସଂଶୋଧିତ ବ୍ୟୟ	—୯ କୋଟି ୧୬ ଲକ୍ଷ ୯୯ ହଜାର
ନିଅଣ୍ଟ	—୧ କୋଟି ୨୬ ଲକ୍ଷ ୭୪ ହଜାର
୧୯୪୯-୫୦—	
ମୂଳ ଅନୁମାନିକ ଆୟ	—୮ କୋଟି ୯୦ ଲକ୍ଷ
ବ୍ୟୟ	—୮ କୋଟି ୭୭ ଲକ୍ଷ ୯ ହଜାର
ଅନୁମାନିକ ବଳକା	—୧୩ ଲକ୍ଷ ୯୧ ହଜାର ।

ପୂର୍ଣ୍ଣକ୍ଷମତା ହସ୍ତାନ୍ତର କରିବା ଡଚ ସରକାରଙ୍କ ଇଚ୍ଛା

ସାଧାରଣତନ୍ତ୍ର ନେତାମାନେ ଯୋଗ ନ ଦେଲେ ମଧ୍ୟ ହେଗ୍ ଗୋଲଟେବୁଲ ସମ୍ମିଳନୀ ବସିବ

ଇଣ୍ଡୋନେସିଆରେ ଥିବା ଡଚ କମିଶନର ଡାଃ ବିଲ୍‌ଙ୍କ ବିବୃତି

ବାଟେଭିଆ, ତା ୧।୩—ଇଣ୍ଡୋନେସିଆରେ ଥିବା ଡଚ କମିଶନର ଡାକ୍ତର ଲୁଇ ବିଲ ଆଜି ଏଠାରେ କହିଲେ ଯେ ଇଣ୍ଡୋନେସିଆ ସମ୍ପର୍କରେ ଡଚ ସରକାର ଡକାଇଥିବା ଗୋଲଟେବୁଲ ସମ୍ମିଳନୀରେ ଇଣ୍ଡୋନେସିଆ ସାଧାରଣତନ୍ତ୍ର ଯୋଗ ନ ଦେଲେ ମଧ୍ୟ ଏହି ସମ୍ମିଳନୀ ଅନୁଷ୍ଠିତ ହେବ । ମାର୍ଚ୍ଚ ୧୨ ତାରିଖରେ ଅନୁଷ୍ଠିତ ହେଉଥିବା ହେଗ ସମ୍ମିଳନୀରେ ଯୋଗଦେବା ପାଇଁ ସାଧାରଣତନ୍ତ୍ର ନେତାମାନଙ୍କୁ ଯେଉଁ ନିମନ୍ତ୍ରଣ ପଠାଯାଇଛି ସେମାନେ ଏପର୍ଯ୍ୟନ୍ତ କିଛି ଜବାବ ଦେଇନାହାନ୍ତି । ସେ କହିଲେ ଯେ ଡାକ୍ତର ହୋଏଟ୍ ବାଟେଭିଆକୁ ଆଜି ଫେରିଆସିଛନ୍ତି । ବାଙ୍କା ଦ୍ୱୀପରେ ରହିଥିବା ସାଧାରଣତନ୍ତ୍ର ନେତାମାନଙ୍କ ସଙ୍ଗେ ସେ ଯେଉଁ କଥାବାର୍ତ୍ତା କରିଥିଲେ ତାହା ଅସନ୍ତୋଷଜନକ ନୁହେଁ । ସାଧାରଣତନ୍ତ୍ର ନେତାମାନଙ୍କ ଅନୁରୋଧକ୍ରମେ ବର୍ତ୍ତମାନ ଅବସ୍ଥାରେ ଅନ୍ୟ କୌଣସି ସମ୍ବାଦ ପ୍ରକାଶ କରାଯାଇ ପାରିବ ନାହିଁ । ସାଧାରଣତନ୍ତ୍ର ନେତାମାନଙ୍କୁ ଖଲାସ କରିଦେବା ସହିତ ସେମାନଙ୍କର ସମ୍ମିଳନୀରେ ଯୋଗଦେବା ନ ଦେବାର କୌଣସି ସମ୍ପର୍କ ନାହିଁ । ସଂଯୁକ୍ତ-ସଂଘବାଦୀ ନେତାମାନେ ଓ ଅସ୍ଥାୟୀ ସଂଯୁକ୍ତସଂଘ ସରକାର ଡଚ ସରକାରଙ୍କ ନିମନ୍ତ୍ରଣକୁ ଗ୍ରହଣ କରିଛନ୍ତି । ସଂଯୁକ୍ତସଂଘବାଦୀ ସମ୍ମିଳନୀର ଯୋଗସୂତ୍ର ସ୍ଥାପନ ସମ୍ପର୍କୀୟ କମିଟି ସଭାପତି ସୁକର୍ଣ୍ଣ ଓ ଅନ୍ୟାନ୍ୟ ସାଧାରଣତନ୍ତ୍ର ନେତାଙ୍କ ସଙ୍ଗେ କଥାବାର୍ତ୍ତା କରିବାପାଇଁ ବାଙ୍କା ଦ୍ୱୀପକୁ ଯାଉଛନ୍ତି । ଡାକ୍ତର ବିଲ କହିଲେ ଯେ ଯୁକ୍ତିଯୁକ୍ତ କାରଣ ଦେଖାଗଲେ ଡଚ ସରକାର ସମ୍ମିଳନୀ ଘୁଞ୍ଚେଇ ରଖି-ପାରନ୍ତି ।

ସେ ପୁଣି କହିଲେ ଯେ ଇଣ୍ଡୋନେସିଆ ସଂଯୁକ୍ତସଙ୍ଘକୁ ସେମାନେ ସାର୍ବଭୌମ କ୍ଷମତା ଛାଡ଼ ଦେବାକୁ ପ୍ରସ୍ତୁତ । କିନ୍ତୁ ଗୋଟିଏ ସର୍ତ୍ତ ରହିବ ଯେ ଇଣ୍ଡୋନେସିଆ ସଂଯୁକ୍ତସଂଘର ଭବିଷ୍ୟତ ଶାସନବ୍ୟବସ୍ଥା ଯେପରି ଡଚ-ଇଣ୍ଡୋନେସିଆ ଇଉନିଅନ ଠିକ ବିଧାନରେ ବିରୋଧ ଘଟିବ ନାହିଁ । କୌଣସି ସନ୍ଧି ଲେଖା ନଯାଇ ସାର୍ବଭୌମ କ୍ଷମତା ହସ୍ତାନ୍ତରକରି ଦିଆଯିବ । କ୍ଷମତା ହସ୍ତାନ୍ତର କରିଦେବା ପରେ ସେମାନେ ଅନ୍ୟ କୌଣସି କ୍ଷମତା ରଖିବାକୁ ଚାହାନ୍ତି ନାହିଁ । ସଂଯୁକ୍ତସଂଘ ସରକାରଙ୍କ ହାତରେ ପୂର୍ଣ୍ଣ ଶାସନଭାର ଓ ସୈନ୍ୟବାହିନୀ ରହୁ ନ ଥିବାରୁ ଭବିଷ୍ୟତରେ ସଂଯୁକ୍ତସଂଘ ସରକାର ଗୁହାରି କଲେ ଡଚ ସୈନ୍ୟବାହିନୀକୁ ବ୍ୟବହାର କରି ପାରିବେ । ସଂଯୁକ୍ତସଂଘ ସରକାର ଅନୁରୋଧ କଲେ ଯାଇ ଏହି ସାହାଯ୍ୟ ମିଳିବ । ପୂର୍ଣ୍ଣ ସାର୍ବଭୌମ କ୍ଷମତା ହସ୍ତାନ୍ତର ହେବା ପର୍ଯ୍ୟନ୍ତ ଡଚ ସରକାର ଇଣ୍ଡୋନେସିଆରେ ଶାନ୍ତି ଓ ଶୃଙ୍ଖଳା ରକ୍ଷା କରିବାର ଦାୟିତ୍ୱ ଭାର ନେବେ । ଉଭୟ ଅନୁଷ୍ଠାନର ଲକ୍ଷ୍ୟ ବିଷୟରେ ନିରାପତ୍ତା କାଉନସିଲ ଓ ଡଚ ସରକାର ଏକମତ । କେବଳ ଏହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଉପାୟ ଉଦ୍ଭାବନ କରିବାହିଁ ପ୍ରଧାନ ପ୍ରଶ୍ନ । ଡଚ ସରକାରଙ୍କର ବିଶ୍ୱାସ ଯେ ସେହି ଲକ୍ଷ୍ୟ ହାସଲ ପାଇଁ ବର୍ତ୍ତମାନର ଯୋଜନା ସର୍ବତୋଭାବେ ଶ୍ରେଷ୍ଠ ।

ଇଣ୍ଡୋନେସିଆରେ ଅରାଜକତା ବ୍ୟାପିଛି ବୋଲି ଯେଉଁ ସଂବାଦ ପ୍ରକାଶ ପାଇଛି ତାହା ଅମୂଳକ ବୋଲି କହି ସେ ମତ ପ୍ରକାଶ କରି କହିଥିଲେ, ସଂଯୁକ୍ତସଂଘ ବର୍ତ୍ତମାନ ଅବସ୍ଥାରେ ସ୍ୱାୟତ୍ତଶାସନ ଚଳାଇ ପାରିବ ନାହିଁ । ତେଣୁ ଡଚ ସରକାର ଓ ଇଣ୍ଡୋନେସିଆ ସଂଯୁକ୍ତସଂଘଙ୍କୁ ଡଚ ସୈନ୍ୟବାହିନୀର ସଂଖ୍ୟା, ନିଯୁକ୍ତି ଓ ବ୍ୟବହାର ସମ୍ପର୍କରେ ପରସ୍ପର ଭିତରେ ଚୁକ୍ତି କରିବାକୁ ହେବ ।

ଭାରତ ତାର ନିଷ୍ପତ୍ତିକୁ ବଦଳାଇବ

ଡଚ ସରକାରଙ୍କ ଉଡ଼ାଜାହାଜ ଗୁଡ଼ିକୁ ଭାରତ ଉପର ଦେଇ ଚଳାଚଳ କରିପାରିବ ନାହିଁ ବୋଲି ଭାରତସରକାର ଯେଉଁ କଟକଣା ଜାରି କରିଛନ୍ତି, ସେ ସମ୍ପର୍କରେ ସେ କହିଲେ ସେ ଭାରତ ତାର ବେଆଇନ ନିଷ୍ପତ୍ତିର ପୁନର୍ବିଚାର କରିବ ବୋଲି ତାଙ୍କର ଆଶା । ତା ନ ହେଲେ ଡଚ ଉଡ଼ାଜାହାଜ ମରିସସ୍ ବାଟଦେଇ ପୂର୍ବପରି ଚଳାଚଳ କରିବ ।

ହେଗ୍ ସମ୍ମିଳନୀରେ ଡଚପ୍ରତିନିଧି

ହେଗ୍‌ଠାରେ ଜଣାପଡ଼ୁଛି ଯେ ଆସନ୍ତା ମାର୍ଚ୍ଚ ୧୨ ତାରିଖରେ ଯେଉଁ ଗୋଲଟେବୁଲ ସମ୍ମିଳନୀ ବସୁଛି ଡଚ ମନ୍ତ୍ରୀମଣ୍ଡଳର ସମସ୍ତ ସଭ୍ୟ ସେଥିରେ ସରକାରୀ ପ୍ରତିନିଧି ରୂପେ ଯୋଗଦେବେ ।

—— (ପି,ଟି,ଆଇ-ଅର,)

ଚୀନ କମ୍ୟୁନିଷ୍ଟଙ୍କ ନୂଆ ଉଦ୍ୟମ

ସହଜରେ ନଦୀ ପାର ହୋଇଯିବା ଉଦ୍ଦେଶ୍ୟରେ କମ୍ୟୁନିଷ୍ଟ ସୈନ୍ୟ ଦକ୍ଷିଣ ଅଡ଼କୁ ମାଡ଼ି ଚାଲିଛନ୍ତି

ସାଙ୍ଘାଇ ଓ ନାନ୍‌କିଂ ଦଖଲ ପୂର୍ବରୁ ଚୀନ ରାଷ୍ଟ୍ରପତିଙ୍କୁ ବନ୍ଦୀକରି ଶାସନକୁ ଦଖଲ କରିବାକୁ କମ୍ୟୁନିଷ୍ଟମାନେ ଷଡ଼ଯନ୍ତ୍ର କରୁଥିଲେ

୧୦କୋଟି ଚୀନ ଲୋକ ଓ ୭୭୦ଟି ସହର ମୁକ୍ତ କଲେଣି ବୋଲି କମ୍ୟୁନିଷ୍ଟଙ୍କ ଦାବୀ

ନାନ୍‌କିଂ, ତା ୧।୩— ଚୀନ କମ୍ୟୁନିଷ୍ଟ ସୈନ୍ୟବାହିନୀ ନାନକିଂଠାରୁ ୪୦ ମାଇଲ ଦୂରରେ ୟାଙ୍ଗସି ନଦୀ ସହଜରେ ପାରହୋଇ ଯିବାପାଇଁ ଦକ୍ଷିଣ ଅଡ଼କୁ ଅଗ୍ରସର ହେଉଛନ୍ତି ବୋଲି ଖବର ମିଳିଛି । ୟାଙ୍ଗସିର ଅପର ପାର୍ଶ୍ୱରେ ଚେକ୍‌ଅଙ୍ଗଠାରେ ଥିବା ସୈନ୍ୟ ବାହିନୀକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଯେଉଁ ଅଧିକା ସୈନ୍ୟ ପଠାଯାଉଥିଲା ତାହା ବନ୍ଦ କରି ଦିଆଯାଇଛି । ଏକ ସରକାରୀ ସମର୍ଥକ ସମ୍ବାଦପତ୍ରରେ ପ୍ରକାଶ ଯେ କମ୍ୟୁନିଷ୍ଟମାନଙ୍କ ସମେତ ଅନ୍ୟାନ୍ୟ ବାମପନ୍ଥୀମାନେ କମ୍ୟୁନିଷ୍ଟ ସୈନ୍ୟ ୟାଙ୍ଗସି ନଦୀ ପାରହେବା ପୂର୍ବରୁ ସମସ୍ତ ବାଧାବିଘ୍ନ ଦୂର କରିଦେବା ଉଦ୍ଦେଶ୍ୟରେ ଅସ୍ଥାୟୀ ରାଷ୍ଟ୍ରପତି ଲି, ସୁଙ୍ଗ ଜେନଙ୍କୁ ବନ୍ଦୀକରି ଚୀନଶାସନକୁ ଅଧିକାର କରିବା ପାଇଁ ଷଡ଼ଯନ୍ତ୍ର କରୁଥିଲେ । ନାନକିଂ ଓ ସାଙ୍ଘାଇରେ ପ୍ରବେଶ କରିବା ପୂର୍ବରୁ ୟାଙ୍ଗସି ଏକମାତ୍ର ପ୍ରାକୃତିକ ପ୍ରତିବନ୍ଧକ । ଏହି ସମ୍ବାଦ ପତ୍ରରେ ପୁଣି କୁହାଯାଇଛି ଯେ ସାଙ୍ଘାଇ ଓ ନାନକିଂରେ ଏ ସମ୍ପର୍କରେ ସନ୍ଦେହ କରାଯାଉଥିବା ୧୦ ଜଣଙ୍କୁ ଗିରଫ କରାଯାଇ ଷଡ଼ଯନ୍ତ୍ର ପଣ୍ଡ କରିଦିଆ ଯାଇଛି ।

ଅସ୍ଥାୟୀ ରାଷ୍ଟ୍ରପତିଙ୍କୁ କମ୍ୟୁନିଷ୍ଟଙ୍କ ଆକ୍ରମଣ

ଆଜି କମ୍ୟୁନିଷ୍ଟଙ୍କ ଅଧିକାରରେ ଥିବା ଶାନସି ବେତାରରେ ଚୀନର ଅସ୍ଥାୟୀ ରାଷ୍ଟ୍ରପତିଙ୍କ ଉପରେ ଆକ୍ରମଣ କରି କୁହା-ଯାଇଛି ଯେ ଗୃହଯୁଦ୍ଧ ବନ୍ଦ ନ ହୋଇ ଚାଲିଲେ ସେଥିପାଇଁ କମ୍ୟୁନିଷ୍ଟଙ୍କ ଉପରେ ସବୁ ଦୋଷ ଲଦି ଦେବାପାଇ 'ବାତୁଳ ଉଦ୍ୟମ' କରୁଥିଲେ ।" ଏହି ବେତାରରେ ଦାବୀ କରାଯାଇଛି ଯେ କମ୍ୟୁନିଷ୍ଟମାନେ ଏ ପର୍ଯ୍ୟନ୍ତ ସମଗ୍ର ଚୀନର ୪୫ କୋଟି ଲୋକଙ୍କ ଭିତରୁ ଏ ପର୍ଯ୍ୟନ୍ତ ୧୦ କୋଟି ଲୋକଙ୍କୁ ମୁକ୍ତ କରି ସାରିଲେଣି ଓ ମୋଟରେ ୭୭୦ଟି ସହର ଦଖଲ କରି ନେଇସାରିଲେଣି ।

ଶାନ୍ତି ସମ୍ପର୍କୀୟ ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟ

ଚୀନ ସରକାରୀ ଶାନ୍ତିପ୍ରତିନିଧି ଦଳର ସଭ୍ୟ ଡାଃ ଯୋଲିସେ ନିକଟରେ ପ୍ରାଥମିକ ଶାନ୍ତି ସମ୍ପର୍କୀୟ ଆଲୋଚନାର ପରବର୍ତ୍ତୀ କଥାବାର୍ତ୍ତା ପାଇଁ କମ୍ୟୁନିଷ୍ଟ ଅଧିକୃତ ପେପିଙ୍ଗରେ ଆସି ପହଞ୍ଚିବେ । ଜଣାପଡ଼ୁଛି ଯେ କମ୍ୟୁନିଷ୍ଟମାନେ ବିଶିଷ୍ଟ ଆପୋଷ ଆଲୋଚନା-କାରୀ ଜେନେରାଲ ଚାଙ୍ଗ ଚେନଲାଇ, ଉତ୍ତର-ଚୀନ ସରକାରଙ୍କ ସର୍ବୋଚ୍ଚ ଶାସନକର୍ତ୍ତା ଟୁଙ୍ଗପିଉ, ପେପିଙ୍ଗର ମେୟର ଜେନେରାଲ ୟେ-ଚେନ-ଇଙ୍ଗ ଓ ମାଞ୍ଚୁରିଆ ବିଜୟୀ ଜେନେରାଲ ଲିନ୍‌ପାଓଙ୍କୁ ଶାନ୍ତି ପ୍ରତିନିଧିଦଳର ସଭ୍ୟରୂପେ ମନୋନୀତ କରିଛନ୍ତି । କମ୍ୟୁନିଷ୍ଟଙ୍କ ସଙ୍ଗେ କଥାବାର୍ତ୍ତା ଶେଷ କରି ପେପିଙ୍ଗରୁ ଫେରି ଯାଇଥିବା ସାଙ୍ଘାଇ ବେସରକାରୀ ପ୍ରତିନିଧି ଦଳ ଆଜି ସାଙ୍ଘାଇରେ ଚୀନ ସରକାରୀ ନେତାମାନଙ୍କ ସଙ୍ଗେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚଳାଇଛନ୍ତି ।

(ପି,ଟି,ଅଇ-ଅର)

——

ଶ୍ରୀମତୀ ସରୋଜିନୀ ନାଇଡୁଙ୍କ ମୃତ୍ୟୁରେ ଅଫିସ ଓ କଚେରୀରେ ଶୋକଚିହ୍ନ

କଟକ, ୨।୩— ଯୁକ୍ତପ୍ରଦେଶର ଲାଟ ଶ୍ରୀମତୀ ସରୋଜିନୀ ନାଇଡୁଙ୍କ ମୃତ୍ୟୁରେ ଶୋକ-ପ୍ରକାଶ କରି ଓଡ଼ିଶା ସରକାର ସମସ୍ତ ଅଫିସ, ସେକ୍ରେଟେରିଏଟରେ ଆଜି ଦିନ ଗୋଟାକ ବେଳ କାର୍ଯ୍ୟ ବନ୍ଦ କରି ଦେଇଛନ୍ତି ।

——